# ବୃତ୍ତିଗତ ତାଲିମ କ୍ଷେତ୍ରରେ ଆଇଆଇପିଏମ୍ ଅଗ୍ରଣୀ




ରାଉରକେଲା: ବୃତ୍ତିଗତ ତାଲିମ କ୍ଷେତ୍ରରେ କାଂଶବାହାଲସ୍ଥିତ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଫର ପ୍ରଡକ୍ସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍) ଅଗ୍ରଣୀ ସ୍ଥାନ ଗ୍ରହଣ କରିଛି । ଅଲ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନର ସହବନ୍ଧିତାରେ ୨ ବର୍ଷିଆ ଏକ୍ଜିକ୍ୟୁଟିଭ ଏମ୍ବିଏ କୋର୍ଷ ଆରମ୍ଭ କରାଯାଇଛି । ଆଜି ସ୍ଥାନୀୟ ପ୍ରେସ୍ କ୍ଲବଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ନିର୍ଦ୍ଦେଶକ ଡ. ମିହିର କୁମାର ନାୟକ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ତାଙ୍କ ସହ ପ୍ରଫେସର ନିରଞ୍ଜନ ନାୟକ, ପ୍ରଫେସର ଏଫ.ସି. ଷଡଙ୍ଗୀ ଓ ପ୍ରଫେସର ରାକେଶ ରଂଜନ ଉପସ୍ଥିତ ଥିଲେ । ସେମାନେ କହିଲେ ଯେ, ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ଏକ୍ଜିକ୍ୟୁଟିଭ ଏମ୍ବିଏ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ । ଏଥିପାଇଁ ସର୍ବନିମ୍ନ ଯୋଗ୍ୟତା ଗ୍ରାଜୁଏସନରେ ୫୦% ମାର୍କ ଥିବା ବ୍ୟକ୍ତି ଯୋଗ୍ୟ ହୋଇପାରିବେ । ଆଇଆଇପିଏମ୍ ଝାରସୁଗୁଡାର ବେଦାନ୍ତ କଂପାନୀ ସହ ବୁଝାମଣା କରିଛି ଓ ଉକ୍ତ କଂପାନୀର ପ୍ରାୟ ୫ ହଜାରୁ ଉର୍ଦ୍ଧ୍ୱ ଟେକ୍ନିକାଲ ପର୍ସନେଲଙ୍କୁ ତାଲିମ ପ୍ରଦାନ କରାଯିବ । ଓଡିଶାର ବିଭିନ୍ନ ଆଇଟିଆଇ ଓ ଡିପ୍ଲୋମା ଇଂଜିନିୟରିଂ କଲେଜଗୁଡିକରେ କାର୍ଯ୍ୟକରୁଥିବା ପ୍ରଶିକ୍ଷକ ମାନଙ୍କୁ ନୂତନ ଧାରା ଓ ଦକ୍ଷତା ବୃଦ୍ଧି ସଂପର୍କରେ ତାଲିମ ଦେବା ପାଇଁ ରାଜ୍ୟ ସରକାର ଏକ ଯୋଜନା କରିଛନ୍ତି । ଏହ ତାଲିମ ଆଇଆଇପିଏମ୍ ପ୍ରଦାନ କରିବ ବୋଲି ସରକାରୀ ସ୍ତରରେ ସ୍ଥିର କରାଯାଇଛି । ଗୁଜୁରାଟ ସରକାର ତାଙ୍କ ରାଜ୍ୟରେ ବୈଷୟିକ ଦକ୍ଷତା ବୃଦ୍ଧି ପାଇଁ ଦିଲ୍ଲୀର ଆପୋଲୋ ଟେକ୍ନିକାଲ ଏଜୁକେଶନ ଫାଉଣ୍ଡେସନକୁ ନିୟୋଜିତ କରିଛନ୍ତି । ଉକ୍ତ କଂପାନୀ ଆଇଆଇପିଏମ୍ ସହ ବୁଝାମଣା କରି ଆଇଆଇପିଏମ୍‌ର ସହାୟତା ଲୋଡିଛନ୍ତି । ଆଇଆଇପିଏମ୍‌ର କନ୍ସଲଟାଣ୍ଟମାନେ ବିଦେଶର ଆବୁଧାବିଠାରେ ଥର୍ମୋଗ୍ରାଫି ଉପରେ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଆଇଆଇପିଏମ୍ ଭାରତରେ ବୃତ୍ତିଗତ ଓ ବୈଷୟିକ ସେବା ପ୍ରଦାନ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ସହ ସାମାଜିକ ଦାୟିତ୍ୱ ତୁଲାଇବା ଦିଗରେ ମଧ୍ୟ କାଂଶବାହାଲର ଆଇଆଇପିଏମ୍ ଗୁରୁତ୍ୱଆରୋପ କରିଛି । ସ୍ଥାନୀୟ ଅଂଚଳର ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ମାଗଣା କୋଚିଂ ପ୍ରଦାନ ସହ କଂପ୍ୟୁଟର ଶିକ୍ଷା ପ୍ରଦାନ କରି ଆସୁଛି ।